## ୫ ବଖରା ଜଳିଗଲା

ଧାମନଗର: ଭଦ୍ରକ ଜିଲା ଧାମନଗର ବ୍ଲକ ବିଦ୍ୟାଧରପୁର ଗ୍ରାମରେ ବୁଧବାର ସକାଳେ ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ୫ ବଖରା ଜଳିଯାଇଛି। ଗ୍ରାମର ଦିବାକର ଦାସଙ୍କର ୨ ଓ ସନ୍ତୋଷ ପଲେଇଙ୍କ ୩ ବଖରା ସମେତ ଗୋଟିଏ ଗୁହାଳ ଘର ପୋଡ଼ିଯାଇଛି। ବିଦ୍ୟୁତ୍ ଶର୍ଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି ଅଗ୍ନିବିପନ୍ନଙ୍କୁ ପଲିଥିନ ଯୋଗାଇ ଦେଇଛନ୍ତି।

### ସଂକ୍ଷେପରେ

## ନାବାଳିକା ଅପହରଣ ଅଭିଯୋଗ: ୩ ଗିରଫ

ସାରସକଣା, ୨୪।୩: ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସହଯୋଗ କରିବା ସହିତ ନାବାଳିକାଙ୍କ ପରିବାର ଲୋକଙ୍କୁ ମାଡ଼ ମାରିଥିବା ୩ ଅଭିଯୁକ୍ତଙ୍କୁ ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ ନାବାଳିକା ଜଣକ ନିକଟସ୍ଥ ନାଳକୁ ଗାଧୋଇବା ପାଇଁ ଯାଇଥିବା ସମୟରେ ରାଧା ଦାସ ନାମକ ଜଣେ ଯୁବକ ତାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୁକ୍ତଙ୍କ ଭାଇ କ୍ରିଷ୍ଣା ଦାସ, ଭିଣୋଇ ସୁବ୍ରତ ଦାସ ଓ ସଞ୍ଜୟ ଦାସ ନାବାଳିକାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ମାଡ଼ ମାରିବା ସହ ହତ୍ୟାଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୫୬/୨୧) ରୁଜୁ କରି ଅଭିଯୁକ୍ତ ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ପଞ୍ଚାନନ ମହାନ୍ତି ପ୍ରକାଶ କରିଛନ୍ତି।

## ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ

ବୈଶିଙ୍ଗା, ୨୪।୩(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ଜନୈକା ଯୁକ୍ତ ୨ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୮୯/୨୧) ରୁଜୁ କରି ଜଣେ ନାବାଳକଙ୍କୁ ବାରିପଦା ଜୁଭେନାଇଲ ବୋର୍ଡରେ ହାଜର କରିଛି। ଛାତ୍ରୀ ଜଣକ ବାଲେଶ୍ୱରର ଏକ ରେସିଡେନସିଆଲ କଲେଜ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ଛୁଟିରେ ଗାଁକୁ ଆସିଥିଲେ। ଏହାର ସୁଯୋଗ ନେଇ ସମ୍ପୃକ୍ତ ନାବାଳକ ଜଣକ ଛାତ୍ରୀଙ୍କ ସହ ସମ୍ପର୍କ ବୃଦ୍ଧି କରିଥିଲେ। ପରେ ପ୍ରଲୋଭିତ କରି ବଳାତ୍କାର କରିଥିଲେ। ଛାତ୍ରୀଙ୍କ ପରିବାର ଲୋକେ ଏ ସମ୍ପର୍କରେ ଜାଣି ନାବାଳକଙ୍କ ପରିବାରବର୍ଗଙ୍କୁ ଜଣାଇବାରୁ ସେମାନେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଥାନା ଆଇଆଇସି ଲକ୍ଷ୍ମୀଧର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ଅନନ୍ତ ଚରଣ ନାୟକ ଘଟଣାର ତଦନ୍ତ କରିଥିଲେ।

## ଜନସାଧାରଣଙ୍କ ସହଯୋଗ ଲୋଡ଼ିଲା ପୋଲିସ

ପଦ୍ମପୁର, ୨୪।୩(ଡି.ଏନ.ଏ.)-ଭଦ୍ରକ ଜିଲା ସଦର ବ୍ଲକର ସାବରଙ୍ଗ ଥାନାଠାରେ ବୁଧବାର ପୂର୍ବାହ୍ନରେ ଥାନାଧିକାରୀ ମମତା ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାବରଙ୍ଗ ସରପଞ୍ଚ ରଞ୍ଜିତା ନାୟକ, ସମିତିସଭ୍ୟା ରଶ୍ମିତା ମଲ୍ଲିକ, ଗୋରାମାଟି ସରପଞ୍ଚ ଗଣେଶ ପ୍ରସାଦ ମଲ୍ଲିକ, ସମିତିସଭ୍ୟ ରଞ୍ଜିତା ମହାଳିକ, ସାହାଡ଼ା ସରପଞ୍ଚ ପ୍ରମିଳା ବେହେରା, ଏଏସ୍ଆଇ ଯତୀନ୍ଦ୍ର ନାଥ ସିଙ୍ଗ୍, କନଷ୍ଟେବଳ ରଜତ କୁମାର ପାଣିଗ୍ରାହୀ, ମନୋଜ ନାଏକ, ଭୀମା ସିଂ, ଗାୟତ୍ରୀ ବଳ, ରମଣୀ ଜେନା, ହାବିଲଦାର ଭରତ ଚନ୍ଦ୍ର ମାଝୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ପାଇଁ ଜନସାଧାରଣ ପୋଲିସକୁ ସହଯୋଗ କରିବା ପାଇଁ ଥାନାଧିକାରୀ ସମସ୍ତଙ୍କୁ ନିବେଦନ କରିଥିଲେ। ଉପସ୍ଥିତ ବ୍ୟକ୍ତିମାନେ ଅଞ୍ଚଳରେ ଅପରାଧ କମ୍ କରିବା ପାଇଁ ସହଯୋଗ ନେଇ ମତ ରଖିବା ସହ ରାତ୍ରକାଳୀନ ପାଟ୍ରୋଲିଂ ଉପରେ ଗୁରୁତ୍ୱ ଦେବାକୁ ଥାନାଧିକାରୀଙ୍କୁ ଅନୁରୋଧ କରିଥିଲେ।

## ତାରିଣୀ ମନ୍ଦିରରେ ବାର୍ଷିକ ଯଜ୍ଞ



ଖଇରା, ୨୪।୩(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ସମସରପୁର ଗ୍ରାମରେ ଥିବା ପ୍ରସିଦ୍ଧ ତାରିଣୀ ପୀଠରେ ମଙ୍ଗଳବାର ୨୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଯଜ୍ଞ ଓ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର ମାହାନା, ଶିବ ପ୍ରସାଦ ନାୟକ, ବସନ୍ତ ସାମଲ, ପୂର୍ଣ୍ଣଚନ୍ଦ୍ର ଦାସ, ରଘୁନାଥ ବାରିକଙ୍କ ଦ୍ୱାରା କଳସ ଅଣାଯାଇଥିଲା। ରବୀନ୍ଦ୍ର ପଣ୍ଡା, ଅଶୋକାନନ୍ଦ ଦାଶ, ଶ୍ରୀବତ୍ସ ନନ୍ଦ, ଶରତ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନା ଓ ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସରପୁର ଗ୍ରାମବାସୀଙ୍କ ସମେତ ରାମଚନ୍ଦ୍ରପୁର, ଦହିପୁର, ସରସତିଆ ଗ୍ରାମବାସୀ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# ଏବେଠୁ ଜଳ ସଙ୍କଟ

ବାଲିଆପାଳ, ୨୪।୩(ସ୍ୱ.ପ୍ର.)



ବାଲିଆପାଳ ବ୍ଲକ ଛକ ମୁଖ୍ୟରାସ୍ତା ହନୁମାନ ମନ୍ଦିର ନିକଟସ୍ଥ ଟ୍ୟାପ୍‌ରୁ ପାଣି ନେବା ପାଇଁ ଲୋକଙ୍କ ଲମ୍ବା ଧାଡ଼ି।

### ଫେଲ୍ ମାରିଛି ପାନୀୟଜଳ ପ୍ରକଳ୍ପ

ଖରାଦିନ ଆରମ୍ଭରୁ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ବାଲିଆପାଳ ପଞ୍ଚାୟତରେ ଜଳସଙ୍କଟ ଦେଖାଦେଇଛି। ଦୁଇଟି ପାନୀୟଜଳ ପ୍ରକଳ୍ପ ଥାଇ ମଧ୍ୟ ଲୋକଙ୍କୁ ପାନୀୟଜଳ ଯୋଗାଇବାରେ ଫେଲ୍ ମାରିଛି। ଏହାସହିତ ଗାଁଗୁଡ଼ିକରେ ଥିବା ଗଭୀର ନଳକୂପ କଥା କହିଲେ ନ ସରେ। କେଉଁଠାରେ ନଳକୂପ ଅଚଳ ଅବସ୍ଥାରେ ରହିଛି, ତ କେଉଁଠି ବ୍ୟବହାର ଅନୁପଯୋଗୀ। ପଙ୍କ କାଦୁଅ ମିଶା ଆଇରନ ଜଳ ବାହାରୁଛି।

ବାଲିଆପାଳଠାରେ ତହସିଲ, ଥାନା, ବ୍ଲକ, ବିଭିନ୍ନ ପ୍ରକାର ଅଫିସ, ବ୍ୟାଙ୍କ ରହିଛି। ବାଲିଆପାଳରୁ ବାଲେଶ୍ୱର ଯାତାୟାତ ପାଇଁ ମୁଖ୍ୟ ରାସ୍ତା ସହିତ ବିଭିନ୍ନ ଛକରୁ ପଞ୍ଚାୟତକୁ ରାସ୍ତା ରହିଛି। ରାସ୍ତାର ଉଭୟପାର୍ଶ୍ୱରେ ଦୋକାନ ସହିତ ଗ୍ରାମ ରହିଥିବାରୁ ସବୁ ସମୟରେ ଛକରେ ଜନଗହଳି ଲାଗିଥାଏ। ରାସ୍ତା ପାର୍ଶ୍ୱରେ ସର୍ବସାଧାରଣ ବ୍ୟବହାର ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ ଟ୍ୟାପ୍ ରହିଛି। ସେଥିରୁ ପାଣି ନେବା ପାଇଁ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି, ତ କେତେବେଳେ ଜଳ ନ ପାଇ ଖାଲି ବୋତଲ, ବାଲ୍‌ଟି ଧରି ଫେରିବାକୁ ପଡୁଛି। ୨୦୧୮ରେ ବସୁଧା ଯୋଜନାରେ ନିର୍ମିତ ଏକ ଲକ୍ଷ ଲିଟର ଜଳଧାରଣ କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କି କେବଳ ନାମକୁ ମାତ୍ର। ନିର୍ଦ୍ଦିଷ୍ଟ ସମୟ ସକାଳ, ମଧ୍ୟାହ୍ନ, ସନ୍ଧ୍ୟାରେ ୩ଥର ଜଳଯୋଗାଣ ହେଉଥିବାରୁ ଅନ୍ୟ ସମୟରେ ସାଧାରଣ ଲୋକେ ରାସ୍ତାରେ ଯିବା ଆସିବା କରୁଥିବା ବେଳେ ଜଳ ପାଇଁ ହଇରାଣ ହେଉଛନ୍ତି। ହେଲେ ଦୁଇତିନି ଦିନ ହେବ ଛକଗୁଡ଼ିକରେ ଆଦୌ ପାଣି ଆସୁ ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏ ସମ୍ପର୍କରେ ବାଲିଆପାଳ ସରପଞ୍ଚ ମଧୁସୂଦନ ବାରିକ କହନ୍ତି, ଭୂତଳ ଜଳସ୍ତର କମିଯାଇଥିବାରୁ ୫ ଏଚ୍‌ପି ମୋଟର ଠିକ୍ ଭାବେ ଜଳଯୋଗାଇ ପାରୁନାହିଁ। ପୁରୁଣା ମୋଟର ପରିବର୍ତ୍ତନ କରି ୭ ଏଚ୍‌ପି ମୋଟର ସହିତ ୨୦ଫୁଟ୍‌ର ପାଇପ୍ ତଳକୁ ସଂଯୋଗ କରାଗଲେ ସବୁ ସମସ୍ୟାର ସମାଧାନ ହୋଇପାରିବ। ଗ୍ରାମୀଣ ଜଳ ଯୋଗାଣ ବିଭାଗ ଜେଇ ପଙ୍କଜ ତ୍ରିପାଠୀ କହିଛନ୍ତି, ମୁଁ ଏଠାରେ ଗତ ୪ମାସ ହେବ କାର୍ଯ୍ୟରେ ଯୋଗଦେଇଥିବାରୁ ସମସ୍ତ ଅଞ୍ଚଳ ବିଷୟରେ ଜାଣିନାହିଁ। ଏହାଛଡ଼ା ଏନେଇ କୌଣସି ଅଭିଯୋଗ ଆସିନାହିଁ।

## ବୋରୱେଲ ଅଚଳ, ଲୋକେ ହନ୍ତସନ୍ତ

ଯୋଡା, ୨୪।୩(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ୯ନଂ. ୱାର୍ଡ ଅଧୀନ ଗୋପ ମହାନ୍ତି ହଟିଂବାସୀ ପାନୀୟ ଜଳ ସମସ୍ୟାରେ ଘାଣ୍ଟି ହେଉଛନ୍ତି। ପୌରପାଳିକାର ସମୁଦାୟ ୱାର୍ଡରେ ଜନସ୍ୱାସ୍ଥ୍ୟ ବିଭାଗ ଜରିଆରେ ପାନୀୟ ଜଳ ବ୍ୟବସ୍ଥା ପାଇଁ ବୋରୱେଲ୍ ଷ୍ଟାଟର ବକ୍ସ ଲଗାଯାଇଥିଲା। ବିଭାଗ ପକ୍ଷରୁ କେତେଜଣ ଲୋକଙ୍କ ଘରକୁ ମଧ୍ୟ ପାଇପ୍ ଲାଇନ ସଂଯୋଗ ହୋଇଥିଲା। ତେବେ କିଛି ଦିନ ହେଲା ଏହି ପାଇପ୍ ଲାଇନ୍‌ରେ ଠିକ୍ ଭାବେ ଜଳ ଯୋଗାଣ ହୋଇପାରୁନାହିଁ କି ଅଚଳ ହୋଇପଡ଼ିଥିବା ବୋରୱେଲ୍ ଷ୍ଟାଟର ବକ୍ସ ମରାମତି କରାଯାଉ ନାହିଁ। ଏ ନେଇ ୱାର୍ଡବାସୀ ଗତ ୧୯ରେ ଏକ ଲିଖିତ ଅଭିଯୋଗ ପତ୍ର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀଙ୍କୁ ଦେଇଥିଲେ। ସେ ଏହି ଅଭିଯୋଗ ପତ୍ରକୁ ଯୋଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଏସ୍‌ଡିଓଙ୍କୁ ହସ୍ତାନ୍ତର କରିଥିବା ୱାର୍ଡର ବରିଷ୍ଠ ନାଗରିକ ସୋମନାଥ ମହାନ୍ତି କହିଛନ୍ତି। ତେବେ ପାନୀୟ ଜଳ ସମସ୍ୟା କିଏ ବୁଝିବେ ବୋଲି ୱାର୍ଡବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପାଟଯୋଶୀଙ୍କୁ ପଚାରିବାରୁ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ବୁଝିବ, ଏଣୁ ସେ ବିଭାଗୀୟ ଏସଡିଓଙ୍କୁ ଜଣାଇଥିବା କହିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗର ଯୋଡ଼ା ଏସ୍‌ଡିଓ ମନୋଜ ପଣ୍ଡା କହିଛନ୍ତି, ଅଚଳ ବୋରୱେଲ୍ ଷ୍ଟାଟର ବକ୍ସର ମରାମତି ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି।

## ପାଣି ପାଇଁ ଧାରଣା



ମହିଳାମାନେ ଧାରଣାରେ ବସିଛନ୍ତି।

ବାଲିଆପାଳ, ୨୪।୩(ସ୍ୱ.ପ୍ର.)

ଜଳ ସଙ୍କଟ ଦୂର ପାଇଁ ବାଲିଆପାଳ ବ୍ଲକ ଅଧୀନ ମଧୁପୁରା ପଞ୍ଚାୟତ ମଧୁପୁରା ପଶ୍ଚିମ ସାହିର ମହିଳାମାନେ ଏକାଠି ହୋଇ ବୁଧବାର ବାଲିଆପାଳ ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘଦିନ ହେଲା ମଧୁପୁରା ପଶ୍ଚିମ ସାହିରେ ଥିବା ୪ଟି ସରକାରୀ ନଳକୂପ ସହିତ ସ୍ୱଚ୍ଛ ପାନୀୟଜଳ ପ୍ରକଳ୍ପରୁ ଯୋଗାଇ ଦିଆଯାଇଥିବା ଷ୍ଟାଣ୍ଡପୋଷ୍ଟରୁ ଜଳ ବାହାରୁ ନାହିଁ। ଏହାର ମରାମତି ଦାବିରେ ମହିଳାମାନେ ବୁଧବାର ବ୍ଲକରେ ଧାରଣାରେ ବସିଥିଲେ। ବିଡ଼ିଓ ଲଳିତ ସରେଙ୍ଗ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ବ୍ଲକର ସେକ୍ସନ ଅଫିସର ବାଞ୍ଛାନିଧି ମହାପାତ୍ର ପହଞ୍ଚି ଦାବିପତ୍ର ଗ୍ରହଣ କରି ସମାଧାନ ଲାଗି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ଉଠିଥିଲେ।

## ବ୍ଲକ କାର୍ଯ୍ୟାଳୟରେ ହୋହଲ୍ଲା

ଖୁଣ୍ଟା, ୨୪।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ ସୁରୁକୁନା ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗ୍ରାମବାସୀ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ନିକଟରେ ଅଭିଯୋଗ କରିଥିଲେ ହେଁ ପ୍ରତିକାର ବ୍ୟବସ୍ଥା କରାଯାଇନାହିଁ। ବୁଧବାର ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିବା ସହ ବିଡିଓଙ୍କଠାରେ ଅଭିଯୋଗ କରିଥିଲେ। ବିଡ଼ିଓ ରବୀନ୍ଦ୍ର କୁମାର ମଲ୍ଲିକ ବିଭାଗୀୟ ଯନ୍ତ୍ରୀ ରଜତ ପଣ୍ଡାଙ୍କ ସହ ଆଲୋଚନା କରି ୭ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଗାଁ ମୁହାଁ ହରିଣ ମୃତ

ଠାକୁରମୁଣ୍ଡା, ୨୪।୩(ଡି.ଏନ.ଏ.)

ଶିମିଳିପାଳ ସମେତ ଆଖପାଖ ଜଙ୍ଗଲରେ ନିଆଁ ଲାଗିଥିବାରୁ ବନ୍ୟଜନ୍ତୁ ଗାଁ ମୁହାଁ ହୋଇଛନ୍ତି। ବୁଧବାର ସକାଳେ ମୟୂରଭଞ୍ଜ ସୀମାନ୍ତବର୍ତ୍ତୀ କେନ୍ଦୁଝର ଜିଲା ଆନନ୍ଦପୁର ରେଞ୍ଜ ଅନ୍ତର୍ଗତ ଜଞ୍ଜାଳି ଗ୍ରାମର ରଣଜିତ୍ ମହନ୍ତଙ୍କ ଘର ଭିତରକୁ ଏକ ହରିଣ ପଶି ଆସିଥିଲା। ରଣଜିତ୍‌ଙ୍କ ପରିବାର ଲୋକେ ଏନେଇ ବନବିଭାଗକୁ ଖବର ଦେଇଥିଲେ। ମାତ୍ର ବନବିଭାଗ କର୍ମଚାରୀମାନେ ପହଞ୍ଚିବା ପୂର୍ବରୁ ହରିଣଟିର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପାଇଁ ମୃତ ହରିଣକୁ ପଠାଯିବା ସହ ଅଧିକ ତଦନ୍ତ ଜାରି ରହିଥିବା ବନ ବିଭାଗ ସୂଚନା ଦେଇଛି।

## ବାଲେଶ୍ୱରରେ ୩୪,୭୮୧ ମାଟ୍ରିକ ପରୀକ୍ଷାର୍ଥୀ

ବାଲେଶ୍ୱର ଅଫିସ, ୨୪।୩

ବାଲେଶ୍ୱର ଜିଲାରେ ଚଳିତବର୍ଷ ୨୦୧ ପରୀକ୍ଷା କେନ୍ଦ୍ରରେ ୩୪,୭୮୧ ମାଟ୍ରିକ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ସେହିପରି ସଂସ୍କୃତ ପରୀକ୍ଷାର୍ଥୀଙ୍କ ପାଇଁ ୭ ଏବଂ ମୁକ୍ତ ଆକାଶ ପରୀକ୍ଷାର୍ଥୀମାନଙ୍କ ପାଇଁ ୪ଟି କେନ୍ଦ୍ର କରାଯାଇଛି।

କରୋନା ପାଇଁ ଚଳିତବର୍ଷ ବିଳମ୍ବରେ ଅର୍ଥାତ୍ ଆସନ୍ତା ମେ' ୩ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ। ଏଥିନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷ ବାଲେଶ୍ୱର ଜିଲାରୁ ୩୪ହଜାର ୭୮୧ଜଣ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେବେ। ଏଥିନିମନ୍ତେ ୨୦୧ଟି ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ ହୋଇଛି। ଏଥର କୋଭିଡ୍ ପାଇଁ ଅଧିକ ୫୦ଟି କେନ୍ଦ୍ର କରାଯାଇଛି। ଜିଲା ସଦର ମହକୁମାରେ ସର୍ବାଧିକ ୫ହଜାର ୬୦୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିନିମନ୍ତେ ସର୍ବାଧିକ ୩୧ଟି କେନ୍ଦ୍ର ହୋଇଛି। ବାହାନଗା ବ୍ଲକର ୧୪କେନ୍ଦ୍ରରେ ୨ହଜାର ୨୦୧ ଜଣ ଛାତ୍ରଛାତ୍ର, ବାଲିଆପାଳର ୧୭ କେନ୍ଦ୍ରରେ ୩ହଜାର ୩୯୦, ଭୋଗରାଇର ୨୨ କେନ୍ଦ୍ରରେ ୩ହଜାର ୯୪୫, ବସ୍ତାର ୧୪ କେନ୍ଦ୍ରରେ ୨ହଜାର ୪୯୯, ଜଳେଶ୍ୱରର ୨୧ କେନ୍ଦ୍ରରେ ୩ହଜାର ୩୧୬, ରେମୁଣାର ୧୪ କେନ୍ଦ୍ରରେ ୨ହଜାର ୫୪୩, ନୀଳଗିରିର ୧୫ କେନ୍ଦ୍ରରେ ୨ହଜାର ୨୮୮, ସୋରର ୧୬ କେନ୍ଦ୍ରରେ ୨ହଜାର ୬୫୩, ସିମୁଳିଆର ୧୦କେନ୍ଦ୍ରରେ ୧ହଜାର ୭୯୧, ଖଇରାର ୧୯ କେନ୍ଦ୍ରରେ ୩ହଜାର ୧୭୮ ଏବଂ ଔପଦା ବ୍ଲକର ୮ କେନ୍ଦ୍ରରେ ୧ହଜାର ୩୭୩ ଜଣ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେବେ। କୋଭିଡ୍ ନିୟମ ମାନି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି କହିଛନ୍ତି, ଦଶମ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରହିଛି। ନୋଡାଲ ପ୍ରଶ୍ନ କେନ୍ଦ୍ର ୧୨ଟା ସହ ଡେସପାଚ୍ ଟିମ୍ ୬୬ ପ୍ରସ୍ତୁତ ହୋଇ ସାରିଛି।

## ୨ ମୁଖ୍ୟ ଅଭିଯୁକ୍ତ ଗିରଫ

ବାଲେଶ୍ୱର ଅଫିସ, ୨୪।୩

### ଟ୍ରଲର ମାଲିକଙ୍କୁ ହତ୍ୟା ଘଟଣା

ବାଲେଶ୍ୱର ଜିଲା ମେରାଇନ ଥାନା ବଳରାମଗଡ଼ି ନିକଟ ନାଉପାଳଗଡ଼ିରେ ଗତ ୧୫ତାରିଖରେ ଟ୍ରଲର ମାଲିକ ବିଜୟ କୁମାର ପ୍ରଧାନଙ୍କୁ ଗୁଳି କରି ହତ୍ୟା ଘଟଣାରେ ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଏହି ଦୁଇଜଣଙ୍କୁ ପୋଲିସ ବଳରାମଗଡ଼ିସ୍ଥିତ ଆଖପାଖ ଅଞ୍ଚଳରେ ଥିବା ଡଙ୍ଗା ଭିତରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏସ୍. କେ. ମହମ୍ମଦ ଓ ଗୌର ସିଂ। ଏମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି।

ଏହି ଘଟଣାରେ ପୋଲିସ ମୋଟ ୧୦ଜଣ ଅପରାଧୀଙ୍କୁ ଗିରଫ କରିସାରିଛି। ଏନେଇ ମେରାଇନ୍ ଥାନାରେ ଆଇପିସି ୩୦୨, ୩୪ (ଆର୍ମ ଆକ୍ଟ ୧୯୬୫) ୨୫ ଓ ୨୭ ଦଫାରେ ମାମଲା (ନଂ. ୩/୨୧) ରୁଜୁ କରାଯାଇଛି। ଜିଲା ପୋଲିସ ପ୍ରଶାସନ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୧୭ତାରିଖରେ ୮ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ, ୨ଗୁଳି, ୨ଟି ତେଲେଙ୍ଗା କଟୁରୀ ଓ ଗୋଟିଏ ଖଣ୍ଡା ଜବତ କରିଥିଲା। ମୁଖ୍ୟ ଅଭିଯୁକ୍ତ ସ୍.କେ. ମହମ୍ମଦ ଓ ଗୌର ସିଂ ଫେରାର ଥିଲେ।



ଗିରଫ ଦୁଇ ଅଭିଯୁକ୍ତ।

## ଝାମ୍ପିନେଲେ ଟଙ୍କା ବ୍ୟାଗ୍

ବାରିପଦା ଅଫିସ, ୨୪।୩

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ମଧୁବନ ନିକଟରେ ବୁଧବାର ପୂର୍ବାହ୍ନ ୧୧ଟାରେ ଦମ୍ପତିଙ୍କଠାରୁ ଦୁର୍ବୃତ୍ତମାନେ ଟଙ୍କା ଥିବା ଭ୍ୟାନିଟି ବ୍ୟାଗ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। କୁଳିଅଣା ଥାନା ଅଧୀନ ଆମ୍ବଡୁବି ଗ୍ରାମର ଜ୍ୟୋତିରୂପା ପାତ୍ର ତାଙ୍କ ସ୍ୱାମୀ ରାଜେଶଙ୍କ ସହିତ ଅନ୍ଧ୍ରିଆ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ସ୍ୱୟଂ ସହାୟିକା ଗୋଷ୍ଠୀର ଋଣ ଟଙ୍କା ଉଠାଣ କରି ଆସୁଥିବା ବେଳେ ଏହି ଘଟଣା ଘଟିଥିଲା। ଏକ କଳା ପଲସରରେ ପିଛା କରି ଦୁଇ ଯୁବକ ଜ୍ୟୋତିରୂପାଙ୍କଠାରୁ ବ୍ୟାଗ ଝାମ୍ପି ଫେରାର ହୋଇଯାଇଥିଲେ। ବ୍ୟାଗ ଭିତରେ ନଗଦ ୨୮ହଜାର ୫ଶହ ଟଙ୍କା, ପାଉଁଜି ଓ ମୋବାଇଲ ତଥା ଦରକାରୀ କାଗଜପତ୍ର ଥିବା ନେଇ ସେ ଟାଉନଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ମାମଲା ରୁଜୁ ହୋଇ ନ ଥିଲେ ହେଁ ଲୁଟେରାମାନଙ୍କୁ ଠାବ କରିବା ପାଇଁ ପୋଲିସ ତନାଘନା ଜାରି ରଖିଛି।

## ଜିଲାପାଳଙ୍କୁ ଭେଟିଲେ ଛଉ ନୃତ୍ୟ କଳାକାର



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କଳାକାର ସଂଘର କର୍ମକର୍ତ୍ତା।

ବାରିପଦା ଅଫିସ, ୨୪।୩

ଚଳିତ ବର୍ଷ ଛଉ ନୃତ୍ୟର ପ୍ରଚାର ପ୍ରସାର ପାଇଁ ଟେଲିଭିଜନ ମାଧ୍ୟମରେ ପ୍ରଦର୍ଶନ କରିବାକୁ ମୟୂରଭଞ୍ଜ ଜିଲା ଛଉ ନୃତ୍ୟ କଳାକାର ସଂଘ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଲଡୁ କେଶର ରଣାଙ୍କ ନେତୃତ୍ୱରେ ଉତ୍ତର ସାହି ଓ ଦକ୍ଷିଣ ସାହି ସମେତ ଜିଲାର ବିଭିନ୍ନ ଅଞ୍ଚଳର ଛଉ ନୃତ୍ୟ କଳାକାରମାନେ ମଙ୍ଗଳବାର ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ସ୍ୱଳ୍ପ ଜନସମାଗମରେ ସମଦୂରତା ଅବଲମ୍ବନ କରି ଚୈତ୍ର ପର୍ବ ପାଳନ ନିମନ୍ତେ ଅନୁମତି ପ୍ରଦାନ କରିବାକୁ ନିବେଦନ କରିଥିଲେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲାପ୍ରଶାସନ ପକ୍ଷରୁ ଚୈତ୍ର ପର୍ବ କେବଳ ରୀତିନୀତି ଅନୁଯାୟୀ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଦୁଇବର୍ଷ ହେଲା ଛଉ ନୃତ୍ୟ କଳାକାରମାନେ ଚୈତ୍ର ପର୍ବରେ ଅନୁଷ୍ଠିତ ହେଉଥିବା ଜିଲାସ୍ତରୀୟ ଛଉ ନୃତ୍ୟ କାର୍ଯ୍ୟକ୍ରମରୁ ବଞ୍ଚିତ ରହିଛନ୍ତି। ଏନେଇ ଛଉନୃତ୍ୟ ପ୍ରେମୀଙ୍କ ମଧ୍ୟରେ ନୈରାଶ୍ୟଭାବ ଦେଖାଦେଇଛି। ରାଜା ରାଜୁଡ଼ା ସମୟରୁ ଚାଲି ଆସିଥିବା ଏହି ପରମ୍ପରାକୁ କେବଳ ଚୈତ୍ର ପର୍ବରେ ଦେଖିବାକୁ ମିଳିଥାଏ। ଢୋଲ ଧୁମସାର ତାଳେ ତାଳେ କଳାକାରମାନେ ସେମାନଙ୍କ କଳା ଓ ନୃତ୍ୟ ପରିବେଷଣ କରିଥାନ୍ତି। ସରକାରୀ ଓ ବେସରକାରୀସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ମୟୂରଭଞ୍ଜ ଜିଲାର ପରିଚୟ ଓ ଗାରିମାକୁ କଟକଣା ମଧ୍ୟରେ ପାଳନ ଅନୁମତି ଦିଆଯାଉ ବୋଲି ସଂଘର ସଦସ୍ୟ ଲୋକନାଥ ଦାସ, ଦିଲ୍ଲୀପ କୁମାର ମିଶ୍ର ପ୍ରମୁଖ ଦାବି କରିଛନ୍ତି।

## ପୁଣି ଛାତ୍ର ଅଶାନ୍ତି, ଧାରଣାରେ ବସିଲେ

କେନ୍ଦୁଝର, ୨୪।୩ (ସ୍ୱ.ପ୍ର.)

ସ୍ଥାନୀୟ ସରକାରୀ ଇଞ୍ଜିନିୟରିଂ କଲେଜରେ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି। ଦୁଇଦିନ ତଳେ ପାନୀୟ ଜଳ, ବିଦ୍ୟୁତ୍ ଆଦି ବିଭିନ୍ନ ସମସ୍ୟା ନେଇ କଲେଜର ପ୍ରଶାସନିକ ଅଫିସରେ ତାଲା ପକାଇ ଦେଇଥିଲେ ଛାତ୍ରୀଛାତ୍ର। ଏହାର ସମାଧାନ ନ ହେବାରୁ ବୁଧବାର ପୁଣି ସେମାନେ ଶ୍ରେଣୀ କକ୍ଷରେ ଧାରଣାରେ ବସିଥିଲେ। ଫଳରେ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ପାଣି ଯୋଗାଣ ନ ହେବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଦ୍ୟୁତ୍ ସମସ୍ୟା ଲାଗି ରହିବା ଏବଂ ଇଣ୍ଟରନେଟ୍ ସମସ୍ୟା ଯୋଗୁ ସେମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ଏ ନେଇ ବାରମ୍ବାର ଜଣାଇଲେ ମଧ୍ୟ ସ୍ଥାୟୀ ସମାଧାନ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି ଛାତ୍ରୀଛାତ୍ର। ଅନ୍ୟପକ୍ଷେ ଏସବୁ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉଥିବା କଲେଜ ଅଧ୍ୟକ୍ଷ ତ୍ରିଲୋଚନ ସାହୁ କହିଛନ୍ତି।



ଧାରଣାରତ ଛାତ୍ରୀଛାତ୍ର।

## ଘର ନ କରି ବିଲ୍ ହାତେଇଲେ ହିତାଧିକାରୀ

ବନ୍ତ, ୨୪।୩(ଡି.ଏନ.ଏ.)

### କାର୍ଯ୍ୟାନୁଷ୍ଠାନ ଦାବି କଲେ ପିସିସି ରାଜ୍ୟ ସମ୍ପାଦକ

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଟିଲୋ ପଞ୍ଚାୟତ ୧୩ ନଂ. ୱାର୍ଡରେ ଜନୈକ ହିତାଧିକାରୀ ଘର ତିଆରି ନ କରି ବିଲ୍ ହାତେଇଥିବା ଅଭିଯୋଗ ହୋଇଛି। ଘଟଣାର ବିଧିବଦ୍ଧ ତଦନ୍ତ ପୂର୍ବକ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସି ରାଜ୍ୟ ସମ୍ପାଦକ ସ୍ମୃତି ରଞ୍ଜନ ସ୍ୱାଇଁ ଏକ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ବନ୍ତ ସ୍ଥିତ ଜଳସେଚନ ଡାକବଙ୍ଗଳାଠାରେ ଆୟୋଜିତ ସମ୍ମିଳନୀରେ ସମ୍ପାଦକ ସ୍ୱାଇଁଙ୍କ ସମେତ ବ୍ଲକ କଂଗ୍ରେସ ଉପସଭାପତି ନିରଞ୍ଜନ ମଲ୍ଲିକ ଓ ଯୁବନେତା ରାଜକିଶୋର ପଣ୍ଡା ଉପସ୍ଥିତ ଥିଲେ।

ଜନୈକ ହିତାଧିକାରୀ ଘର ତିଆରି ନ କରି ୫୦ ହଜାର ଟଙ୍କା ବିଲ୍ ଅର୍ଥ ପାଇଛନ୍ତି। ଏ ସମ୍ପର୍କରେ ସମ୍ପାଦକ ସ୍ୱାଇଁ ଗତ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ, ଜିଲାପାଳ, ପିଡି ଓ ବିଡିଓଙ୍କୁ ଟୁଇଟ୍ ମାଧ୍ୟମରେ ଅଭିଯୋଗ କରିଥିଲେ। ସ୍ୱାଇଁଙ୍କ ଘରକୁ ନିଜ ଘର ବୋଲି ହିତାଧିକାରୀ ଜଣଙ୍କ ଦର୍ଶାଇ ଚଞ୍ଚକତା କରି ଟଙ୍କା ଉଠାଇଛନ୍ତି। ଉକ୍ତ ଟଙ୍କାକୁ ହିତାଧିକାରୀ ଫେରସ୍ତ କରିବା ସହ କାର୍ଯ୍ୟାଦେଶ ବାତିଲ କରାଯିବ ବୋଲି ବିଡିଓ ଟୁଇଟ୍ ଉତ୍ତରରେ ଦର୍ଶାଇଥିବା ସ୍ୱାଇଁ କହିଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରେ ସ୍ୱାଇଁ ପାଇଥିବା ଘରକୁ କିପରି ଶାଶୁଙ୍କ ନାମରେ ବିଲ୍ କରାଗଲା ତାହା ତଦନ୍ତ ସାପେକ୍ଷ। ଆବାସ ଯୋଜନାର ଅର୍ଥକୁ ସମ୍ପୂର୍ଣ୍ଣ ହଡ଼ପ କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟ କରାଯାଇଛି। ଗୋଟିଏ ଘରକୁ କିପରି ଦୁଇଥର ବିଲ୍ କରାଗଲା ତାହାର ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି।




ଖବରଦାତା ସମ୍ମିଳନୀରେ ପିସିସି ରାଜ୍ୟ ସମ୍ପାଦକ ସ୍ମୃତି ରଞ୍ଜନ ସ୍ୱାଇଁ ଓ ଅନ୍ୟମାନେ।

## ଦୁଇ ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ସୋର,(ଡି.ଏନ୍.ଏ.):** ସୋର ଥାନା ଅଧୀନ ଦୁଇଟି ସ୍ଥାନରୁ ୨ଜଣ ନାବାଳିକା ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ଦୁଇ ନାବାଳିକାଙ୍କ ବାପା ଥାନରେ ଅଭିଯୋଗ କରିଥିଲେ ହେଁ ପୋଲିସ ଅପହରଣକାରୀଙ୍କୁ ଧରିବାରେ ସଫଳ ହୋଇପାରିନି।

## ଆଜି କ'ଣ କେଉଁଠି

**ମୟୂରଭଞ୍ଜ**

- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଭିଜନ-୨୦୨୪ ଟୁର୍ନାମେଣ୍ଟର ୯ମ ଦିବସ ଖେଳ। ସ୍ଥାନ-ବାରିପଦା ଷ୍ଟାଡିୟମ ଓ କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୯ଟା

**ଭଦ୍ରକ**

- ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଭଦ୍ରକ ଆଗମନର ଶତବାର୍ଷିକୀ ସମାରୋହ। ସ୍ଥାନ: ଶହୀଦ ସ୍ମୃତି ଭବନ। ସମୟ: ପୂର୍ବାହ୍ନ ୧୦ଟା ୩୦।

## ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

**ବାରିପଦା ଅଫିସ,୨୪।୩:** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଟୁଙ୍ଗାଧୁଆ ଗ୍ରାମର ଆଲବର୍ଟ ଦେହୁରୀ ତାଙ୍କ ସ୍ତ୍ରୀ ସବିତାଙ୍କୁ ଶାଳଗଣ୍ଡିରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ଆଲବର୍ଟଙ୍କୁ ଗିରଫ କରିଛି। ମଙ୍ଗଳବାର ରାତିରେ ଉଭୟ ସ୍ତ୍ରୀ ସ୍ୱାମୀ ଗାଁ ପାଖ ବନ୍ଧକୁ ମାଛ ଧରିବାକୁ ଯାଇଥିଲେ। କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଆଲବର୍ଟ ପାଖରେ ପଡ଼ିଥିବା ଏକ ଶାଳଗଣ୍ଡିରେ ସବିତାଙ୍କ ମୁଣ୍ଡକୁ ପିଟିବାରୁ ସେ ଗୁରୁତର ହୋଇ ବନ୍ଧଆଡିରେ ପଡ଼ିଯାଇଥିଲେ। ବୁଧବାର ସକାଳେ ସବିତାଙ୍କ ପୁଅ ଏବଂ ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରି ଟ୍ରଲିରେ ଘରକୁ ଆଣିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବେତନଟୀ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୩ ଦିନରେ ୮ କରୋନା ଆକ୍ରାନ୍ତ ଚିହ୍ନଟ

**ଭଣ୍ଡାରିପୋଖରୀ,୨୪।୩ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଗତ ୩ ଦିନ ମଧ୍ୟରେ ୮ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଅଧିକ ଶିଶୁ ଓ ମହିଳା ଅଛନ୍ତି। ସେମାନେ ଏବେ ହୋମ୍ କ୍ୱାରେଣ୍ଟାଇନରେ ରହିଛନ୍ତି। ସୋମବାର ବ୍ଲକରେ ପ୍ରଥମେ ଚିହ୍ନଟ ହୋଇଥିବା ସଂକ୍ରମିତ ଗୁଜୁରାଟ ଫେରନ୍ତା ଯୁବକ ବୋଲି ସେ କହିଛନ୍ତି।

## ଲୁଟିନେଲେ ଗହଣା ଭର୍ତ୍ତି ବ୍ୟାଗ୍

**ବାରିପଦା ଅଫିସ,୨୪।୩:** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପ୍ରତାପପୁର ଛକରେ ଥିବା ଜଣେ ଦୋକାନୀଙ୍କ ଗହଣା ଭର୍ତ୍ତି ବ୍ୟାଗକୁ ଦୁର୍ବୃତ୍ତମାନେ ଲୁଟିନେଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବୁଧବାର ରାତି ୮ଟାରେ ଗହଣା ଦୋକାନୀ ସନତ ପରିଡ଼ା ଦୋକାନ ବନ୍ଦ କରି ଗହଣା ଭର୍ତ୍ତି ବ୍ୟାଗକୁ ବାଇକ୍ ଡିକିରେ ରଖି ତାଲା ପକାଇବା ସମୟରେ ଲୁଟେରାମାନେ ବ୍ୟାଗକୁ ଲୁଟିନେଇଥିଲେ। ଏଥିରେ ୫ କିଲୋରୁ ଉର୍ଦ୍ଧ୍ୱ ରୂପା ଗହଣା ଥିବା ଦୋକାନ ମାଲିକ କହିଛନ୍ତି।

## ସୋର ବିଧାୟକଙ୍କ ପିତୃ ବିୟୋଗ

**ସୋର, ୨୪।୩(ଡି.ଏନ୍.ଏ.):** ସୋର ବିଧାୟକ ପର୍ଶୁରାମ ଧଡାଙ୍କ ପିତା କୁଞ୍ଜବିହାରୀ ଧଡା(୮୨)ଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ସେ ସଫଳ ବ୍ୟବସାୟୀ ସହ ସମାଜସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ସେ ବହୁ ସାଂସ୍କୃତିକ ଅନୁଷ୍ଠାନ ସହ ଜଡିତ ଥିଲେ। ସ୍ୱର୍ଗତ ଧଡାଙ୍କ ମରଶରୀର ବୁଧବାର ସୋର ଛତ୍ରପୁରସ୍ଥିତ ବାସଭବନରେ ପହଞ୍ଚିବା ପରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବ୍ଲକ ଅଧକ୍ଷା ଅତସୀ ମହାପାତ୍ର, ବିଡିଓ ସୁଶାନ୍ତ ବାରିକ, ପ୍ରାକ୍ତନ ପୌରାଧକ୍ଷ ବଙ୍କେଶ ବେହେରା, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ନଳିନୀକାନ୍ତ ମହାପାତ୍ର, ଆଶୀଷ ଦାସ, ଯତିନ୍ଦ୍ର ଦାସ, ରଞ୍ଜନ ଦାସ, ମନୋଜ ରାୟଙ୍କ ସହ ସୋର ଓ ବାହାନଗା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ବିଧାୟକ ଧଡା ମୁଖାଗ୍ନି ଦେଇଥିଲେ।

## ଜଙ୍ଗଲରୁ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ

**ସଜନାଗଡ, ୨୪।୩(ଡି.ଏନ.ଏ.):** ନୀଳଗିରି ବ୍ଲକ ତିନିକୋଶିଆ ସଂରକ୍ଷିତ ଜଙ୍ଗଲରୁ ୩ଦିନ ପରେ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ସଜନାଗଡ ପଞ୍ଚାୟତର ଭାଲୁକାଶୁଣି ଗ୍ରାମର କଟି ସିଂଙ୍କ ସ୍ତ୍ରୀ ରଇବାରୀ ସିଂ। ଜଙ୍ଗଲ ଭିତରକୁ କିଛି ଲୋକ କାଠ ଆଣିବା ପାଇଁ ଯାଇଥିବା ବେଳେ ମହିଳାଙ୍କ ମୃତଦେହ ପଡିଥିବା ଦେଖିଥିଲେ। ପାଖରେ ବିଷ ବୋତଲ ପଡିଥିବାରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ପୋଲିସ ଅପମୃତ୍ୟୁ ମାମଲା (ନଂ. ୭/୨୧) ରୁଜୁ କରିଛି।

# ବଢ଼ିଚାଲିଛି ବେଆଇନ ଗୋଚାଲାଣ

## ରାଣୀତାଲରେ ଦୁଇଗୋଷ୍ଠୀ ମୁହାଁମୁହିଁ



**ଭଦ୍ରକ ଅଫିସ, ୨୪।୩**

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ରାଣୀତାଲ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ବେଆଇନ ଗୋ ଚାଲାଣକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଗୋ ଚାଲାଣକାରୀଙ୍କ ପକ୍ଷରୁ ଏସ୍କର୍ଟ ପାର୍ଟି ଓ ଗୋରକ୍ଷକ ମୁହାଁମୁହିଁ ହୋଇଥିଲେ। ଏଥିରେ ୩ ଜଣ ଗୋରକ୍ଷକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଜାତୀୟ ରାଜପଥରେ କଣ୍ଟେନରରେ ବେଆଇନ ଗୋ ଚାଲାଣ ହେଉଥିବା ଗୋରକ୍ଷକମାନେ ଖବର ପାଇଥିଲେ। ସେମାନେ ରାଣୀତାଲ ନିକଟରେ ଗୋରୁ ବୋଝେଇ ୩ କଣ୍ଟେନରକୁ ଅଟକାଇଥିଲେ। ଗାଡ଼ି ଅଟକାଇବାକୁ ନେଇ ଏସ୍କର୍ଟ ପାର୍ଟି ଆସି ସେମାନଙ୍କୁ

### ୨ କଣ୍ଟେନର ଜବତ, ୨ ଶହରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର

ଆକ୍ରମଣ କରିବା ସହ ଗୋଟିଏ କଣ୍ଟେନର ଛଡ଼ାଇ ନେଇ ପଳାଇଥିଲେ। ଏ ସମ୍ପର୍କରେ ଖବର ପାଇ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ଦୁଇଟି କଣ୍ଟେନରକୁ ଜବତ କରିଥିଲା। ୨ କଣ୍ଟେନରରୁ ୨ଶହରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଆକ୍ରମଣରେ ଗୁରୁତର ୩ ଗୋରକ୍ଷକ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୫୦/୨୧) ରୁଜୁ କରାଯାଇଛି।

## ୨ ଗୋରୁ ବୋଝେଇ ଟ୍ରକ୍ ଜବତ

**ସିମୁଳିଆ, ୨୪।୩(ଡି.ଏନ.ଏ.)**



ସିମୁଳିଆ ଓ ଭଦ୍ରକ ପୋଲିସ ବଜରଙ୍ଗ କର୍ମୀମାନଙ୍କ ସହାୟତାରେ ଜାତୀୟ ରାଜପଥରୁ ଦୁଇଟି ଗୋରୁ ବୋଝେଇ ଟ୍ରକ(ଓଡି ୦୧ ବି ୧୬୭୪ ଓ ଓଆର୍ ୦୪ଏଚ୍ ୫୨୫୧)କୁ ଉଦ୍ଧାର କରିଛି। ଗୋଟିଏ ଟ୍ରକରେ ୫୪ ଓ ଅନ୍ୟ ଟ୍ରକରେ ୪୩ ମୋଟ ୯୭ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଟି ଗୋରୁଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ କେତେକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ରହିଛି। ଏହି ଗୋରୁଙ୍କୁ ସିମୁଳିଆ ବ୍ଲକର ମଇତାପୁରରେ ଥିବା ରୁଦ୍ରାଶ୍ରମ ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଟ୍ରକ ଦୁଇଟିକୁ ଜବତ କରିଛି । ସେହିପରି ବୁଧବାର ମଧ୍ୟାହ୍ନରେ ଜାତୀୟ ରାପଥରେ ବେଆଇନ ରୂପେ ଚାଲାଣ ହେଉଥିବା ୬ଟି ମୋରମ ବୋଝେଇ ଟ୍ରକକୁ ପୋଲିସ ଜବତ କରିଛି ।

## ପେଟ୍ରୋଲ ପମ୍ପରୁ ଗୋରୁ ବୋଝେଇ କଣ୍ଟେନର ଉଦ୍ଧାର

**ବାହାନଗା, ୨୪।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଦେଇ ଦିନକୁ ଦିନ ଗୋଚାଲାଣ ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଦିନ ବିଭିନ୍ନ ଛୋଟ ବଡ କଣ୍ଟେନରରେ ହଜାର ହଜାର ଗୋରୁ ବାହାର ରାଜ୍ୟକୁ ଚାଲାଣ ହେଉଛନ୍ତି। ବୁଧବାର ନୟାଗଡରୁ ଏକ ଗୋରୁ ବୋଝେଇ କଣ୍ଟେନର (ନଂ.ଡବ୍ଲ୍ୟୁ ବି-୧୧ଡି-୮୮୫୮)ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ଗୋରକ୍ଷକ ସଦସ୍ୟମାନେ କଣ୍ଟେନରକୁ ଅଟକାଇବାକୁ ଚେଷ୍ଟା କରି ପଛରେ ଗୋଡାଇ ଥିଲେ। ତେବେ କଣ୍ଟେନର ଡ୍ରାଇଭର କୌଶଳ କରି ବିଦୁସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏକ ପେଟ୍ରୋଲ ପମ୍ପରେ ପହଞ୍ଚି ସେଠାରେ ଥିବା ଅନ୍ୟ କଣ୍ଟେନରଗୁଡିକ ମଝିରେ ଲୁଚାଇ ଦେଇଥିଲେ। ପରେ ଗୋରକ୍ଷକ ସଦସ୍ୟମାନେ ସୋର ପୋଲିସ ସହାୟତାରେ କଣ୍ଟେନରକୁ ଉଦ୍ଧାର କରିଥିଲେ। ସେଥିରେ ୫୬ଟି ଗୋରୁ ଥିଲେ। ସେଥିମଧ୍ୟରୁ ୪ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର ଗୋରୁଗୁଡିକୁ ବାମପଦାସ୍ଥିତ ମା' ଭାରତୀ ଗୋଶାଳାରେ ରଖାଯାଇଛି । ଏନେଇ ସୋର ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

## କଚାଡ଼ି ମାରିଥିବା ନିଶାସକ୍ତ ବାପା ଥାନାରେ ଅଟକ

**ସୋର, ୨୪।୩(ଡି.ଏନ୍.ଏ.)**

### ନାବାଳକଙ୍କ ମୃତ୍ୟୁ ଘଟଣାର ନୂଆ ମୋଡ

ଖେଳୁଥିବା ବେଳେ କାନ୍ଥ ଉପରୁ ପଡି ନାବାଳକଙ୍କ ମୃତ୍ୟୁ ଘଟଣା ଏବେ ନୂଆ ମୋଡ ନେଇଛି। ବାପାକୁ ନ ଜଣାଇ ଗାଁ ଉତ୍ସବରେ ଖାଇବାକୁ ଯାଇଥିବା ପୁଅକୁ ଉଠାଇ ଆଣି ରାସ୍ତାରେ ମାଡ଼ ମାରିବା ସହ କଚାଡ଼ି ମାରି ଦେଇଥିବା ନେଇ ବୁଧବାର ନାବାଳକଙ୍କ ମାମୁ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ନାବାଳକଙ୍କ ବାପାକୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ମଲିଦୁଆ ଗ୍ରାମରେ। ଶ୍ୟାମ ସିଂଙ୍କ ୧୨ ବର୍ଷର ପୁଅ ରାଜା ସାଙ୍ଗମାନଙ୍କ ସହିତ ଖେଳୁଥିବା ସମୟରେ କାନ୍ଥ ଉପରୁ ତଳକୁ ଖସି ପଡି ମୃତ୍ୟୁବରଣ କରିଥିବା ତାଙ୍କ ପରିବାର ଲୋକେ ସୂଚନା ଦେଇଥିଲେ। ମାତ୍ର ବୁଧବାର ତାଙ୍କ ମାମୁ ସନାତନ ସିଂ ସୋର ଥାନାରେ ପହଞ୍ଚି ତାଙ୍କ ଭଣଜାଙ୍କୁ ତାଙ୍କ ବାପା କଚାଡ଼ି ମାରିଦେଇଥିବା ଅଭିଯୋଗ କରିଥିଲେ।

## ଲୁଟେରାଙ୍କୁ ମାଡ଼ ମାରି ପୋଲିସ ଜିମା

**ଜଳେଶ୍ୱର, ୨୪।୩(ଡି.ଏନ.ଏ.)**

ଜଳେଶ୍ୱର ବ୍ଲକର ଭାଦା ଗ୍ରାମର ସନ୍ତୋଷ ବେହେରା ବୁଧବାର ଅପରାହ୍ନରେ ଷ୍ଟେଟବ୍ୟାଙ୍କରୁ ୪୯ହଜାର ଟଙ୍କା ଉଠାଇ ଏକ ବ୍ୟାଗ୍‌ରେ ରଖି ସାଇକେଲରେ ଘରକୁ ଫେରୁଥିଲେ । ୨ଟି ବାଇକ୍‌ରେ ୫ ଦୁର୍ବୃତ୍ତ ତାଙ୍କୁ ପିଛା କରି ଜଳେଶ୍ୱର ନୂଆବଜାର ନିକଟରେ ଏକ ସୁତୁଲି ଫିଙ୍ଗି ସାଇକେଲକୁ ଜାମ୍ କରାଇଥିଲେ । ବେହେରା ସାଇକେଲରୁ ସୁତୁଲି ବାହାର କରିବା ସମୟରେ ହ୍ୟାଣ୍ଡେଲରେ ଥିବା ଟଙ୍କା ବ୍ୟାଗ୍ ନେଇ ଦୁର୍ବୃତ୍ତମାନେ ପଳାଇ ଯିବାକୁ ଉଦ୍ୟମ ବେଳେ ତାଙ୍କ ଚିତ୍କାର ଶୁଣି ପାଖ ଦୋକାନୀମାନେ ଦୌଡି ଆସି କାବୁ କରିଥିଲେ । ଲୋକେ ତାଙ୍କୁ ମାଡ ମାରିବା ପରେ ପୋଲିସ ଜିମା ଦେଇଛନ୍ତି। ସେ ଗଞ୍ଜାମ ଜିଲାର ଆସ୍କା ଅଞ୍ଚଳର ଶ୍ରୀରାଓ ବୋଲି ଜଣାଯାଇଛି।

## ଦୋଳ, ହୋଲି ପାଳନ ଉପରେ ଅଙ୍କୁଶ

**କେନ୍ଦୁଝର, ୨୪।୩(ଡି.ଏନ.ଏ.)**

କୋଭିଡ୍ କଟକଣାକୁ ବଳବତ୍ତର ରଖି କେନ୍ଦୁଝର ଜିଲାରେ ସର୍ବସାଧାରଣ ସ୍ଥାନରେ ହୋଲି ପାଳନ କରାଯିବ ନାହିଁ। କେବଳ ଘର ଭିତରେ ରହି ପରିବାରର ସଦସ୍ୟମାନେ ହୋଲି ଉତ୍ସବ ପାଳନ କରିପାରିବେ ବୋଲି ଜିଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲାପାଳ ତାଙ୍କ ଆଦେଶ ସଂଖ୍ୟା ୬୪୬ ତା ୨୩।୩।୨୦୨୧ରେ ଏହି ନିର୍ଦ୍ଦେଶନାମାକୁ ସାର୍ବଜନୀନ କରିଛନ୍ତି।

ଏଥିରେ ଉଲ୍ଲେଖ କରାଯାଇଛି ଯେ, ଜିଲାରେ କୋଭିଡ୍ ପଜିଟିଭ୍ ଅଧିକ ହେବାର ଆଶଙ୍କାକୁ ଆଖି ଆଗରେ ରଖି ଦୋଳଯାତ୍ରା ସମୟରେ ଜନସାଧାରଣ ଏକତ୍ର ହୋଇପାରିବେ ନାହିଁ। କେବଳ ମନ୍ଦିରଗୁଡ଼ିକରେ ବିଧି ରକ୍ଷା କରି ଦୋଳପର୍ବ ପାଳନ ହେବ। କିନ୍ତୁ ମନ୍ଦିର ଭିତରକୁ ସାଧାରଣ ଭକ୍ତଙ୍କ ପ୍ରବେଶ ବାରଣ କରାଯାଇଛି। ଦୋଳ ମେଳଣକୁ ଅନୁମତି ଦିଆଯାଇଥିଲେ ମଧ୍ୟ ଏହା କେବଳ ମନ୍ଦିର ପରିସରରେ ଅନୁଷ୍ଠିତ ହେବ ଏବଂ ମନ୍ଦିର କର୍ମଚାରୀ ଓ ପରିଚାଳନା ପରିଷଦର ସର୍ବାଧିକ ୧୦ ଜଣ ଉପସ୍ଥିତ ରହିବେ। ଏହାକୁ ବେଖାତିର କରି ସର୍ବସାଧାରଣ ସ୍ଥାନରେ ହୋଲି ପାଳନ କରାଗଲେ ପ୍ରାକୃତିକ ବିପର୍ଯ୍ୟୟ ଆଇନ-୨୦୦୫ ଏବଂ ମହାମାରୀ ନିୟନ୍ତ୍ରଣ ଆଇନ-୧୮୯୭ ସହ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୧୮୮ ଲାଗୁ କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଫାଣ୍ଡି ଅଧିକାରୀ ନିଲମ୍ବିତ

**ବାରିପଦା ଅଫିସ/ ଉଦଳା,୨୪।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଥାନା କୁଣ୍ଡାବାଇ ଫାଣ୍ଡି ଅଧିକାରୀ ନୌସତ ଅଲ୍ଲୀ ଖାନଙ୍କୁ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ପଥର ମାଫିଆଙ୍କଠାରୁ ସେ ଲାଞ୍ଚ ନେବା ଭିଡିଓ ଏବଂ ଅଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ଘଟଣାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ ଉଦଳା ଥାନାଧିକାରୀଙ୍କ ଲିଖିତ ଅଭିଯୋଗ କ୍ରମେ ଏସ୍‌ପି ଘଟଣାର ତଦନ୍ତ କରି ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ମୁଖ୍ୟାଳୟରେ ରହିବେ ବୋଲି ସୂଚନା ମିଳିଛି।

## ଯୁବତୀଙ୍କୁ କମେଣ୍ଟ ମାରି ଗିରଫ

**ପଦ୍ମପୁର,୨୪।୩ (ଡି.ଏନ.ଏ.)**

ଭଦ୍ରକ ବ୍ଲକ ଅଧୀନ ଏକ ବିଦ୍ୟାଳୟ ସାମ୍ନାରେ ଜଣେ ଯୁବତୀଙ୍କୁ କମେଣ୍ଟ ମାରି ପଲ୍ଲୀ ଗ୍ରାମର ଲମ୍ବୋଧର ନାୟକ ନାମକ ଯୁବକ ଗିରଫ ହୋଇଛନ୍ତି। ସେ ଯୁବତୀଙ୍କୁ କମେଣ୍ଟ ମାରିବା ସହ ତାଙ୍କ ଚାରିପଟେ ବାଇକ୍ ଘୁରାଇଥିଲେ। ଏଥିସହ ତାଙ୍କୁ ଅସଦାଚରଣ ମଧ୍ୟ କରିଥିଲେ। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ସାବରଙ୍ଗ ଥାନାରେ ଅଭିଯୋଗ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଯତୀନ୍ଦ୍ରନାଥ ସିଙ୍କୁ ଘଟଣାର ତଦନ୍ତ ପୂର୍ବକ ଲମ୍ବୋଧରଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଥାନାରେ ମାମଲା(ନଂ. ୬୯/୨୧) ରୁଜୁ ହୋଇଛି।

## ତଦନ୍ତ ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

### ଧାନ କ୍ରୟରେ ଅନିୟମିତତା ଅଭିଯୋଗ

କୃଷକଙ୍କଠାରୁ ଧାନକ୍ରୟ କରିବା ସମୟରେ ବ୍ୟାପକ ଅନିୟମିତତା ହୋଇଛି। ଶାଳରୁଆଁ ଲ୍ୟାମ୍ପସ୍‌ରେ କୃଷକଙ୍କଠାରୁ ଧାନ କିଣା ସମୟରେ ପରିଚାଳନା ନିର୍ଦ୍ଦେଶକ ସେମାନଙ୍କ ନିକଟରୁ କୁଇଣ୍ଟାଲ ପିଛା ୧୦କି.ଗ୍ରା. ଲେଖାଏ ବେଆଇନ ଭାବେ କାଟିଥିଲେ। ଏନେଇ ଫେବ୍ରୁୟାରୀ ୨୫ରେ ମୟୁରଭଞ୍ଜ ଜିଲା କପ୍ତିପଦା ନୂଆସାହି ଜୟ ଯବାନ ଜୟ କିଶାନ କୃଷକ ସଂଘର ସଭାପତି ଲୋକାୟୁକ୍ତରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଲୋକାୟୁକ୍ତ ଗମ୍ଭୀରତାର ସହ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ କରାଯାଇ ୬୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## କ୍ଷତିଗ୍ରସ୍ତ କୃଷକଙ୍କୁ ମିଳିଲା ସହାୟତା ରାଶି

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ଚକଡ଼ା ପୋକ ଦ୍ୱାରା ଧାନ ଫସଲ ନଷ୍ଟ ହୋଇଥିବା ମୟୂରଭଞ୍ଜ ଜିଲା କପ୍ତିପଦା ତହସିଲ ଅଞ୍ଚଳର ୭୩୬ଜଣ କୃଷକଙ୍କୁ ସେମାନଙ୍କ ସହାୟତା ରାଶି ପ୍ରଦାନ କରାଯାଇଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆର୍‌ସିଙ୍କ ପକ୍ଷରୁ କୃଷକଙ୍କୁ ଏହି ରାଶି ପ୍ରଦାନ କରାଯାଇଛି। ସେମାନଙ୍କୁ ପ୍ରାୟ ୧୯ଲକ୍ଷ ୧୦ହଜାର ୪୭୬ଟଙ୍କା ପ୍ରଦାନ କରାଯାଇଛି। ତେବେ ବିଳମ୍ବରେ ଚାଷୀଙ୍କୁ ସେମାନଙ୍କ କ୍ଷତି ପୂରଣ ପ୍ରଦାନ କରାଯାଇଥିବାରୁ ଏନେଇ ଲୋକାୟୁକ୍ତ ପକ୍ଷରୁ ଉଦ୍‌ବେଗ ମଧ୍ୟ ପ୍ରକାଶ କରାଯାଇଛି। ସୂଚନା ଅନୁଯାୟୀ, ୨୦୧୭-୧୮ରେ କପ୍ତିପଦା ତହସିଲ ଅଞ୍ଚଳରେ ଚକଡ଼ା ପୋକ ଦ୍ୱାରା ଧାନ ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏସମ୍ପର୍କରେ କପ୍ତିପଦା ତହସିଲଦାର କପ୍ତିପଦା ଉପଜିଲାପାଳ ଓ ମୟୂରଭଞ୍ଜ ଜିଲାପାଳଙ୍କୁ ସମ୍ପୃକ୍ତ କ୍ଷତିଗ୍ରସ୍ଥ ଚାଷୀଙ୍କୁ ଆର୍ଥିକ ସହାୟତା ଦେବା ନିମନ୍ତେ ରିପୋର୍ଟ ଦେଇଥିଲେ। ହେଲେ ଜିଲାପାଳ ଓ ଉପଜିଲାପାଳଙ୍କ ଅବହେଳାରୁ କ୍ଷତିଗ୍ରସ୍ଥ ଚାଷୀ ସହାୟତା ପାଇବାରୁ ବଞ୍ଚିତ ହୋଇଥିଲେ। ଏନେଇ କପ୍ତିପଦାସ୍ଥିତ ଜୟଯବାନ ଜୟ କିଶାନ କୃଷକ ସଂଘ ପକ୍ଷରୁ ଲୋକାୟୁକ୍ତରେ ଅଭିଯୋଗ କରାଯାଇଥିଲା। ଏହାର ଶୁଣାଣି କରି କୃଷକଙ୍କ କ୍ଷତି ଭରଣା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ଜଣାଇବାକୁ ଜିଲାପାଳଙ୍କୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ପରେ ୭୩୬ଜଣ କୃଷକ କ୍ଷତିଗ୍ରସ୍ତ ହୋଇଥିବା ଜିଲାପାଳ ଲିଖିତ ରିପୋର୍ଟ ଦେଇଥିଲେ। ଗତ ଜାନୁୟାରୀ ୧୩ରେ ଜିଲାପାଳ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ରାଜସ୍ୱ ପରିଚାଳନା ବିଭାଗକୁ ୧୯ଲକ୍ଷ ୧୦ହଜାର ୪୭୬ଟଙ୍କା କ୍ଷତିପୂରଣ ରାଶି ପାଇଁ ଅନୁରୋଧ କରିଥିଲେ। କ୍ଷତିଗ୍ରସ୍ତ କୃଷକଙ୍କୁ ଆର୍ଥିକ ରାଶି ତୁରନ୍ତ ପ୍ରଦାନ କରିବାକୁ ଲୋକାୟୁକ୍ତ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ଚାଷୀଙ୍କୁ ସେମାନଙ୍କ କ୍ଷତିପୂରଣ ପ୍ରଦାନ କରାଯାଇଛି।

## ଦାଦନ ଶ୍ରମିକଙ୍କ ମୃତଦେହ ରଖି ରାସ୍ତା ଅବରୋଧ

**ବାରିପଦା ଅଫିସ,୨୪।୩**

ମୟୂରଭଞ୍ଜ ଜିଲା ବାରିପଦା-ଉଦଳା ରାସ୍ତାର ନୁରୁଡି ଛକ ନିକଟରେ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିଥିବା ଜଣେ ଶ୍ରମିକଙ୍କ ମୃତଦେହକୁ ରଖି ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଛନ୍ତି। ପୁନର୍ବାର ଶବ ବ୍ୟବଚ୍ଛେଦ ଓ କ୍ଷତିପୂରଣ ଦାବିରେ ଶତାଧିକ ମହିଳାପୁରୁଷ ରାସ୍ତାରେ ବସି ରହିବା ସହ ବିକ୍ଷୋଭ କରିଥିଲେ।

ସୂଚନା ଅନୁଯାୟୀ, ବାରିପଦା ସଦର ଥାନା ଅଧୀନ ଟିକରପଡ଼ା ଗ୍ରାମର ରାମଚନ୍ଦ୍ର ମହାନ୍ତ (୩୬) ୬ମାସ ପୂର୍ବେ ଦାଦନ ଖଟିବାକୁ ଗୁଜୁରାଟ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ରବିବାର ଦେହ ଅସୁସ୍ଥ ହେବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଶବ ବ୍ୟବଚ୍ଛେଦ କରିଥିଲେ। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ରାମଚନ୍ଦ୍ରଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଆଇନ ଅନୁଯାୟୀ କରାଯାଇଥିବା ସମସ୍ତ ନଥିପତ୍ରର ନକଲ ସହିତ ବୁଧବାର କମ୍ପାନୀ କର୍ତ୍ତୃପକ୍ଷ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ମରଶରୀରକୁ ମୃତକଙ୍କ ଗ୍ରାମକୁ ପଠାଇଥିଲେ। ତେବେ ମୃତଦେହ ସହିତ କମ୍ପାନୀର କୌଣସି କର୍ମଚାରୀ ଆସି ନ ଥିବା ବେଳେ ଦାଦନ ପାଇଁ ନେଇଥିବା ଶ୍ରମିକ ଠିକାଦାର ମଧ୍ୟ ଅନୁପସ୍ଥିତ ଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଲୋକେ ମୃତଦେହ ରାସ୍ତାରେ ରଖି ବିକ୍ଷୋଭ କରିଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିବା ବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଥିଲା।

## ସୁବର୍ଣ୍ଣରେଖାରେ ବୁଡ଼ି ଶିଶୁ ମୃତ

**ବାଲିଆପାଳ, ୨୪।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ବିଷ୍ଣୁପୁର ପଞ୍ଚାୟତର ରସଲପୁର ଗ୍ରାମର କମଳ ଲୋଚନ ଦାସଙ୍କ ୩ବର୍ଷର ଶିଶୁ କନ୍ୟା ଫନି ସୁବର୍ଣ୍ଣରେଖା ନଦୀରେ ବୁଡ଼ି ମୃତ୍ୟୁବରଣ କରିଛି। ରସଲପୁର ଗ୍ରାମର ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ। ସକାଳେ ଶିଶୁଟି ଘର ପାଖରେ ଖେଳୁଥିଲା। କିଛି ସମୟ ପରେ ପରିବାର ଲୋକେ ଶିଶୁକୁ ନ ପାଇ ଏଣେତେଣେ ଖୋଜାଖୋଜି କରି ତାଙ୍କୁ ସୁବର୍ଣ୍ଣରେଖା ନଦୀରୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଶିଶୁଟିର ଚେତା ନ ଫେରିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାକୁ ମୃତ ବୋଲି ଘୋଷଣା କରିଥିଲେ।

## ଆଶାକର୍ମୀଙ୍କ ବାରଣ୍ଡାରେ ଅଙ୍ଗନୱାଡି କେନ୍ଦ୍ର

**ଚମ୍ପୁଆ,୨୪।୩ (ଡି.ଏନ.ଏ)**



ଆଶାକର୍ମୀଙ୍କ ଘର ବାରଣ୍ଡା ପାଲଟିଛି ଅଙ୍ଗନୱାଡିକେନ୍ଦ୍ର। କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର ମଥୁରାପୁର ଓ ବସାସାହି ଅଞ୍ଚଳରେ ଏଭଳି ଦେଖିବାକୁ ମିଳିଛି। ଶିଶୁମାନଙ୍କ ପ୍ରାକ୍ ଶିକ୍ଷା ବ୍ୟବସ୍ଥା ଏଠି ବିପର୍ଯ୍ୟସ୍ତ। ଗ୍ରାମଠାରୁ ୨ କି.ମି. ଦୂର କଇଁତା ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ରହିଛି। ଫଳରେ ଅଭିଭାବକମାନେ କୋମଳମତି ଶିଶୁଙ୍କୁ ଦୂରକୁ ଛାଡ଼ିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଯେଉଁଥିପାଇଁ ଶିଶୁମାନେ ପ୍ରାକ୍ ଶିକ୍ଷାରୁ ଏକପ୍ରକାର ବଞ୍ଚିତ ହେଉଛନ୍ତି।

ଅନ୍ୟପକ୍ଷେ ଅଙ୍ଗନୱାଡି କେନ୍ଦ୍ରରେ ଗର୍ଭବତୀ ମହିଳା, କିଶୋରୀ ବାଳିକା, ପ୍ରସୂତି, ଜନ୍ମରୁ ୬ବର୍ଷର ଶିଶୁଙ୍କୁ ଟିକାକରଣ ସହିତ ଶାରୀରିକ ସ୍ୱାସ୍ଥ୍ୟ, ଗ୍ରାମୀଣ ସ୍ୱାସ୍ଥ୍ୟ ପୁଷ୍ଟି ଦିବସ ଆଦି କାର୍ଯ୍ୟକ୍ରମ ପାଇଁ ସରକାରୀ ନିୟମ ରହିଛି। ଏପରିକି ମା' ମାନଙ୍କୁ ନେଇ ଅନେକ ସଚେତନତାମୂଳକ ବୈଠକ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରରେ କରାଯାଇଥାଏ। ମାତ୍ର ମଥୁରାପୁର ଓ ବସାସାହି ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆଶାକର୍ମୀଙ୍କ ଘର ବାରଣ୍ଡାରେ ଅଙ୍ଗନୱାଡି କାର୍ଯ୍ୟ ଚାଲିଥିବା ଜଣାଯାଇଛି। ତୁରନ୍ତ ମଥୁରାପୁର ଓ ବସାସାହି ମଧ୍ୟରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଲାଗି ଅଶୋକ ପ୍ରଧାନ, ସୁଜିତ୍ ପ୍ରଧାନ, ଅକ୍ଷୟ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଚମ୍ପୁଆ ସିଡିପିଓ ଶୀତ ମୁର୍ମୁଙ୍କୁ ପଚାରିବାରୁ ଏ ନେଇ ପ୍ରସ୍ତାବ ପଠାଯାଇଛି ଏବଂ ଖୁବ୍‌ଶୀଘ୍ର ଏହାର ସମାଧାନ ହେବ ବୋଲି କହିଛନ୍ତି।

